# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୯ ମସିହା ଅପ୍ରେଲ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

❖ ଧାନକୁ ବିହନ ହିସାବରେ ବ୍ୟବହାର କରିବାକୁ ଥିଲେ ବିଲରୁ ମିଶା ଧାନ ଗଛ ଗୁଡିକୁ ଭଲଭାବରେ ବାଛିଦିଅନ୍ତୁ ।

❖ ବର୍ତ୍ତମାନ ଅବସ୍ଥାରେ ଗନ୍ଧିପୋକ (ଫୁଲ ଉଡାଇବା ସମୟରେ) ବା ପାଚିଲା ଧାନରେ କେଣ୍ଡାକଟା ସଂବାଲୁଆ ଦେଖାଦେଇପାରନ୍ତି । ଗନ୍ଧିପୋକର ଆର୍ଥିକଦେହଳୀ ସୀମା ହେଲା ବର୍ଗମିଟର ପିଛା ୨-୪ଟି ପୋକ । ଏହାର ସଂଖ୍ୟା ଯଦି ଆର୍ଥିକ ଦେହଳୀ ସୀମାରୁ ଅଧିକ ହେଲା ତେବେ ନିମ୍ନଲିଖିତ କୀଟନାଶକ ଔଷଧ ପ୍ରୟୋଗ କରନ୍ତୁ ।

**ଗନ୍ଧିପୋକ**

ମାଲାଥିଅନ୍ ୫ % ଜି ୧୦ କି.ଗ୍ରା. ଗୁଣ୍ଡକୁ ପ୍ରତି ଏକର ସକାଳେ ପବନ ନଥିବା ସମୟରେ ପ୍ରୟୋଗ କରନ୍ତୁ କିମ୍ବା

ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**କେଣ୍ଡା କଟା ସଂବାଲୁଆ**

କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି ଏକର କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରତି ଏକର

❖ ଯେତେବେଳେ ଶତକଡ଼ା ୮୦ ଭାଗ ଧାନ ପାକଳ ହୋଇଯାଇଥିବ ସେହି ସମୟରେ କାଟନ୍ତୁ ନଚେତ୍, ଡାଲୁଅ ଧାନରେ ଧାନ ଝଡିଯିବାର ସମ୍ଭାବନା ଅଧିକ ଥାଏ ।

❖ ଧାନ ସାଇତି ରଖିବା ପାଇଁ ସୁଖାଇବା ସମୟରେ ଆର୍ଦ୍ରତା ଶତକଡ଼ା ୧୪ ଭାଗ ରହିବା ଦରକାର । ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ ।

❖ ବର୍ଷାଶ୍ରିତ ଖାଲୁଆ ଜମି ଯେଉଁଠାରେ ଧାନ ଛଟାବୁଣା କରାଯାଏ, ସେଠାରେ ଖରାଟିଆ ପ୍ରଥମ ଚଷ ପତ୍ରମୋଡା ଲଙ୍ଗଳରେ କରିଦିଅନ୍ତୁ ।

******